## ପ୍ରଥମ ପୃଷ୍ଠାରୁ...

### ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକକ୍ଷେତ୍ରକୁ

ଓ ଏହାର ଆଖପାଖ ୫୩ଟି ଗ୍ରାମାଞ୍ଚଳର ଜଳଯୋଗାଣ ପାଇଁ ୪୮୯ କୋଟି ଟଙ୍କା, ଜଳଯୋଗାଣ କାର୍ଯ୍ୟନ୍ୱୟନ ଓ ରକ୍ଷଣାକ୍ଷେଣ ପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନ ଓ ୪ର୍ଥ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନରୁ ୫୦୯ କୋଟି ଟଙ୍କା, ଗ୍ରାମାଞ୍ଚଳରେ ଶୌଚାଳୟ ପାଇଁ ୧୦୦୦ କୋଟି ଟଙ୍କା, ସହରାଞ୍ଚଳରେ ଶୌଚାଳୟ ପାଇଁ ୨୦୦ କୋଟି ଟଙ୍କା, ଗ୍ରାମାଞ୍ଚଳରେ ୧୫.୫ ଲକ୍ଷ ବିଜୁ ଘର ନିର୍ମାଣ ଯୋଜନାକୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ସହ ମିଶାଇ ୩, ୫୯୨ କୋଟି ଟଙ୍କା, ଆବାସ ଯୋଜନାରେ ବସ୍ତିବାସିନ୍ଦାଙ୍କୁ ସୁଲଭ ମୂଲ୍ୟରେ ବାସଗୃହ ଦେବା ପାଇଁ ୪୦୦ କୋଟି ଟଙ୍କା, ମମତା ଯୋଜନା ପାଇଁ ୧୫୫ କୋଟି ଟଙ୍କା, ପ୍ରସୂତୀ ଓ ୬ ବର୍ଷରୁ କମ୍ ଶିଶୁଙ୍କ ପାଇଁ ସମନ୍ୱିତ ସୁରକ୍ଷା ଯୋଜନାରେ ୬୨ କୋଟି ଟଙ୍କା, ଏଡ୍‌ସ ଆକ୍ରାନ୍ତଙ୍କ ପିଲାଙ୍କ ପାଇଁ ୨ କୋଟି ଟଙ୍କା, ମହିଳା ଓ ଶିଶୁ ବିକାଶ ପାଇଁ ୩,୪୪୭ କୋଟି ଟଙ୍କା, ଆମ ଗାଁ ଆମ ବିକାଶ ପାଇଁ ୧,୨୫୦ କୋଟି ଟଙ୍କା, କେନ୍ଦ୍ର ସରକାରଙ୍କ ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନାରେ ରାଜ୍ୟ ସରକାରଙ୍କ ୪୦% ଅଂଶ ବାବଦକୁ ୪୦୦ କୋଟି ଟଙ୍କା, ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୫୦୦ କୋଟି ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ପାଇଁ ୨୨ ହଜର ୬୮୪ କୋଟି ଟଙ୍କା, ଦିବ୍ୟାଙ୍ଗଙ୍କ ସାମାଜିକ ନିରାପତ୍ତା, ବିକାଶ ଓ ସଶକ୍ତିକରଣ ପାଇଁ ୮୬୩ କୋଟି ଟଙ୍କା, ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ୯୦୨ କୋଟି ଟଙ୍କା, ସୁଲଭ ଦୋକାନଗୁଡ଼ିକରେ ଲାଭାଂଶ ବାବଦକୁ ରାଜ୍ୟ ସରକାରଙ୍କ ୫୦% ଅଂଶଧନ ବାବଦରେ ୧୪୮ କୋଟି ଟଙ୍କା, ନଗର ଉନ୍ନୟନ ପାଇଁ ୪୦୦ କୋଟି ଟଙ୍କା, ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟ ସିଟି ପାଇଁ ୪୦୦ କୋଟି ଟଙ୍କା, ପୁରୁଷ ବିଶ୍ୱକପ୍ ହକି ପ୍ରତିଯୋଗିତା ପାଇଁ ୧୨୫ କୋଟି ଟଙ୍କା, ଜାଇକା ପାଇଁ ୩୦୦ କୋଟି ଟଙ୍କା, ରାଜ୍ୟ ନଗର ଉନ୍ନୟନ ବିଭାଗ ପାଇଁ ମୋଟ୍ ୫,୧୬୨ କୋଟି ଟଙ୍କା ବରାଦ କରାଯାଇଛି ।

ସେହିଭଳି ଶକ୍ତି କ୍ଷେତ୍ରରେ ବିଦ୍ୟୁତ୍ ସଞ୍ଚାରଣ ଓ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କଟକ ଓ ଭୁବନେଶ୍ୱର ନିମନ୍ତେ ୧୦୦ କୋଟି ଟଙ୍କା, ସମସ୍ତଙ୍କ ପାଇଁ ବିଦ୍ୟୁତ୍ ଯୋଜନାରେ ୫୬୦ କୋଟି ଟଙ୍କା, ଗରିବ ପରିବାରକୁ ୪ଟି ଏଲ୍‌ଇଡି ବଲବ ମାଗଣା ଦେବା ପାଇଁ ୧୨୫ କୋଟି ଟଙ୍କା, ରାଜ୍ୟ ସେତୁ ଓ ରାସ୍ତା ରକ୍ଷଣା ବେକ୍ଷଣା ପାଇଁ ୭୧୪ କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମୀଣ ରାସ୍ତା ନିର୍ମାଣ ପାଇଁ ୨୯୦୦ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୪୦୦ କୋଟି ଟଙ୍କା, ଆଭ୍ୟନ୍ତରୀଣ ନିରାପତ୍ତା ଓ ନ୍ୟାୟିକ ପ୍ରଶାସନ ପାଇଁ ୫୨୭୪ କୋଟି ଟଙ୍କା, ବୁଣାକାରଙ୍କ ସାମାଜିକ ସୁରକ୍ଷା ଓ ଦକ୍ଷତା ବୃଦ୍ଧି ପାଇଁ ୧୯୦ କୋଟି ଟଙ୍କା, ଏମ୍‌ଏସ୍‌ଏମ୍‌ଇ ବିଭାଗ ପାଇଁ ୨୧୨ କୋଟି ଟଙ୍କା, ଜଙ୍ଗଲ ଓ ପରିବେଶ ବିଭାଗରେ କାମ୍ପା ଫଣ୍ଡରୁ ୫୯୦୦ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ବନୀକରଣ ଓ ରକ୍ଷଣାବେକ୍ଷଣ ପାଇଁ ୪୫ କୋଟି ଟଙ୍କା, ଓଡ଼ିଶା ଜଙ୍ଗଲ କ୍ଷେତ୍ର ଉନ୍ନୟନ ପ୍ରକଳ୍ପର ୨ୟ ପର୍ଯ୍ୟାୟ ପାଇଁ ୫୨ କୋଟି ଟଙ୍କା, ବନ୍ୟଜନ୍ତୁ ସୁରକ୍ଷା ଓ ସଂରକ୍ଷଣ ପାଇଁ ୨୨ କୋଟି ଟଙ୍କା ବରାଦ କରାଯାଇଛି ।

ତୃଣମୂଳସ୍ତରରେ କ୍ରୀଡ଼ାଭିତ୍ତି ଭୂମି ବିକାଶ ପାଇଁ ୧୦୦ କୋଟି ଟଙ୍କା, ବିଜୁ ଯୁବ ସଶକ୍ତିକରଣ ଯୋଜନାରେ ନୂଆ ଉପଯୋଜନା ବିଜୁ ଯୁବ ବାହିନୀ ନେତୃତ୍ୱ ଓ ସ୍ୱେଚ୍ଛାସେବୀଙ୍କ ପାଇଁ ୧୦୩ କୋଟି ଟଙ୍କା, ବିଜ୍ଞାନ ସୂଚନା ଓ ପ୍ରଯୁକ୍ତି ପାଇଁ ୫୫ କୋଟି ଟଙ୍କା, ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ ପାଇଁ ୨୦୯୦ କୋଟି ଟଙ୍କା, ରାଜସ୍ୱ ପଞ୍ଜୀକରଣ, ପ୍ରଶାସନ ପାଇଁ ୧୦୭୪ କୋଟି ଟଙ୍କା, ଯୋଜନ ।ଓ ସଂଯୋଜନା ବିଭାଗ ନିମନ୍ତେ ୯୩୫ କୋଟି ଟଙ୍କା ବରାଦ କରାଯାଇଛି ।

### କୃଷିକୁ ୧୬,୬୭୫ କୋଟି

ଅତିରିକ୍ତ ଜଳ ନିର୍ଗମନ ଧାର ନିର୍ମାଣ ପାଇଁ ପ୍ରସ୍ତାବ ଥିବାବେଳେ ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ ପାଇଁ ୮୮୭କୋଟି ଟଙ୍କା ବ୍ୟବରାଦ ହୋଇଛି। ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ଜଳସେଚନ ବିଭାଗ ପାଇଁବ୍ୟବରାଦ ୨୭ପ୍ରତିଶତ ବଢ଼ାଯାଇ ୯୨୦୦କୋଟି ଟଙ୍କା ରଖାଯାଇଛି।

ଚାଷୀଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ୧ପ୍ରତିଶତ, ୫୦ ହଜାରରୁ ଊର୍ଦ୍ଧ୍ୱ ହେଲେ ୨ପ୍ରତିଶତ ସୁଧ ଦେବାର ବ୍ୟବସ୍ଥା ହେବ। ସମବାୟ ଓ ବାଣିଜ୍ୟିକ ବ୍ୟାଙ୍କ ମାଧ୍ୟମରେ ଆଗାମୀ ଆର୍ଥିକ ବର୍ଷ ପାଇଁ ୪୭୦କୋଟି ଟଙ୍କା ସୁଧ ରିଆତିର ବ୍ୟବସ୍ଥା ରହିଛି।

ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ମାଧ୍ୟମରେ ପ୍ରାଥମିକ କୃଷି ସମବାୟ ସମିତିର ସଂଯୋଗୀକରଣ ପାଇଁ ୪୨କୋଟିର ପ୍ରସ୍ତାବ ରହିଛି। ଚାଷୀଙ୍କୁ ଋଣ, ସାର, ବିହନ, ଭଡ଼ା ସୂତ୍ରରେ କୃଷି ଉପକରଣ, ଭଣ୍ଡାର ଗୃହ ସୁବିଧା ଓ ବିପଣନ ଓ ଅନ୍ୟ ସମସ୍ତ ସୁବିଧା ନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତିକୁ 'ୱାନ ଷ୍ଟପ ସପ'ରେ ରୂପାନ୍ତରିତ କରିବାକୁ ପ୍ରସ୍ତାବ ରହିଛି। ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଶସ୍ୟବୀମା ପ୍ରିମିୟମ ବାବଦରେ ୪୦୦କୋଟି ଟଙ୍କାର ବ୍ୟବସ୍ଥା ରଖାଯାଇ ଥିବାବେଳେ ଅମଳ ପରବର୍ତ୍ତୀ ପରିଚାଳନା ପାଇଁ କେବିକେ ଅଞ୍ଚଳରେ ଅଣଧାନ ସଂରକ୍ଷଣ ପାଇଁ ଗୋଦାମ ଘର ବ୍ୟବସ୍ଥା କରାଯିବ ବୋଲଇ କୁହାଯାଇଛି ହୋଇଛି। ଓଡ଼ିଶା କୃଷି ଉତ୍ପାଦ ବିପଣନ ଆଇନକୁ ସଂଶୋଧନ କରିବାର ପ୍ରସ୍ତାବ ରହିଛି।

ମତ୍ସ୍ୟଚାଷ ପାଇଁ ୭୩କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ବୃହତ ଜଳଭଣ୍ଡାର ଦ୍ୱାରା ମତ୍ସ୍ୟଚାଷ ଉନ୍ନୟନ ନିମନ୍ତେ ୨କୋଟି, ମାଛଧରା ବନ୍ଦର,ଚିଙ୍ଗୁଡ଼ି କ୍ଲଷ୍ଟରକୁ କଂକ୍ରିଟ ରାସ୍ତା ପାଇଁ ୨୦କୋଟି ଟଙ୍କା, ନଦୀମୁହାଁଣ ଖନନ, ମାଛଧରା ଜେଟି ନିର୍ମାଣ ପାଇଁ ୩କୋଟିର ବ୍ୟୟବରାଦ ହୋଇଛି। ନୀଳ ବିପ୍ଳବ ଯୋଜନା ପାଇଁ ୫୧କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଏହି ଯୋଜନାରେ ମତ୍ସ୍ୟ ବିହନ ଉତ୍ପାଦନ କେନ୍ଦ୍ର, ସମନ୍ୱିତ ଜଳଭଣ୍ଡାର ଉନ୍ନୟନ , ଜଳାଶୟ ନବୀକରଣ, ମତ୍ସ୍ୟଜୀବୀ ଦକ୍ଷତା ବୃଦ୍ଧି କରାଯିବ। ସମୁଦ୍ରରେ ମାଛଧରା ନିଷେଧ ସମୟରେ ମତ୍ସ୍ୟଜୀବୀଙ୍କ ପରିବାର ପ୍ରତିପୋଷଣ ପାଇଁ ୧କୋଟି, ମତ୍ସ୍ୟଜୀବୀ ଗୋଷ୍ଠୀର ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଓ ମହିଳା ସ୍ୱୟଂସହାୟିକାଙ୍କୁ ସହାୟତା ନିମନ୍ତେ ମତ୍ସ୍ୟଜୀବୀ ଉନ୍ନୟନ ଯୋଜନାରେ ୨.୧୫କୋଟି ବ୍ୟୟବରାଦ ହୋଇଛି। ପଶୁ ଚିକିତ୍ସା ପାଇଁ ଭ୍ରାମ୍ୟମାଣ ଚିକିତ୍ସାକେନ୍ଦ୍ର ନିମନ୍ତେ ୧୪କୋଟି, ଶ୍ୱେତ ବିପ୍ଳବ ପାଇଁ ୮୮କୋଟି ଟଙ୍କା, ରୋଗ ନିୟନ୍ତ୍ରଣ ପାଇଁ ପରୀକ୍ଷାଗାର ନିମନ୍ତେ ୭କୋଟିର ବ୍ୟୟବରାଦ ହୋଇଛି। ବିଜୁ କୃଷକ କଲ୍ୟାଣ ଯୋଜନାରେ ୫୭ଲକ୍ଷ କୃଷକଙ୍କ ପରିବାର ସ୍ୱାସ୍ଥ୍ୟ ବୀମା ନିମନ୍ତେ ୯୦କୋଟି ଟଙ୍କାର ରଖାଯାଇଥିବାବେଳେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପାଇଁ ୭୫୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି।

### ରାଜ୍ୟ ସଭାରେ ବିଜେପିର

ଅନୀଲ ଜୈନଙ୍କ ସମେତ ୮ଜଣ ସହଜରେ ବିଜୟୀ ହୋଇଥିବା ବେଳେ ସପାର ଜୟାବଚ୍ଚନ ବିଜୟୀ ହୋଇଛନ୍ତି । ତେବେ ବିଜେପିର ୯ମ ପ୍ରାର୍ଥୀ ଅନୀଲ ଅଗ୍ରୱାଲ ଓ ବିଏସପିର ଭୀମରାଓ ଆମ୍ବେଦକରଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ।

# ସଂସ୍କୃତି ବା ଐତିହ୍ୟ ବହନ କରୁଥିବା ୯୦ଟି ଷ୍ଟେସନର ଉନ୍ନତିକରଣ କରାଯିବାକୁ ଯୋଜନା

ନୂଆଦିଲ୍ଲୀ/ଭୁବନେଶ୍ୱର ୨୩/୩ (ଶ୍ରୁମି) ଯେଉଁ ରେଳଷ୍ଟେସନଗୁଡ଼ିକରେ ଅଧିକ ଯାତ୍ରୀ ଯାତାୟାତ କରୁଛନ୍ତି ସେହି ଷ୍ଟେସନଗୁଡ଼ିକୁ ଅଧିକ ସୁନ୍ଦର କରିବା ପାଇଁ ଏବଂ ଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ କରିବା ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଏକ ଯୋଜନା ପ୍ରସ୍ତୁତ କରିଛି । ବିଶେଷ କରି ସଂସ୍କୃତି ଓ ଐତିହ୍ୟ ବହନ କରୁଥିବା ଦେଶର ୯୦ଟି ରେଳଷ୍ଟେସନର ସୌନ୍ଦର୍ଯ୍ୟକରଣ ପାଇଁ ଅଣ୍ଟା ଭିଡ଼ିଛି କେନ୍ଦ୍ର ରେଳମନ୍ତ୍ରଣାଳୟ । ଏହି ପୁର୍ନବିକାଶ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ବିଭିନ୍ନ ଜୋନ୍ ଏବଂ ନୋଡାଲ୍ ଏଜେନ୍ସିମାନଙ୍କୁ ଦିଆଯାଇଛି । ସେହିପରି ଯେଉଁ ଷ୍ଟେସନ୍‌ଗୁଡ଼ିକରେ ଦୈନିକ ୪୫ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟାରେ ତୀର୍ଥଯାତ୍ରୀମାନେ ଯାତାୟାତ କରୁଛନ୍ତି ବା ସେଗୁଡ଼ିକର ତୀର୍ଥ ପାଇଁ ମହତ୍ୱ ରହିଛି ସେହି ଷ୍ଟେସନଘୁଡ଼ିକରେ ଯାତ୍ରୀମାନଙ୍କୁ ଅଧିକ ସୁବିଧା ଦିଆଯିବ ।

ପ୍ରକାଶଥାଉ କି, ଭାରତୀୟ ରେଳବାଇ ବିଭାଗ ଏହିଭଳି ୬ଶହରୁ ଅଧିକ ରେଳଷ୍ଟେସନ ଗୁଡ଼ିକର ପୁର୍ନବିକାଶ ପାଇଁ ଅଭିଯାନ ଆରମ୍ଭ କରିଛି । ଏହି କ୍ରମରେ ଷ୍ଟେସର ସମ୍ମୁଖ ଭାଗକୁ ସମ୍ପୃକ୍ତ ଅଞ୍ଚଳ ବା ଜିଲ୍ଲାର ସାଂସ୍କୃତିକ ବା ଐତିହ୍ୟକୁ ପ୍ରଦର୍ଶିତ କରାଯିବାକୁ ରେଳବାଇ ସ୍ଥିର କରିଛି । ଉଦାହରଣସ୍ୱରୂପ ଔରଙ୍ଗାବାଦ ଷ୍ଟେସନରେ ଅଜନ୍ତା ବା ଏଲୋରାର କଳକୃତିକୁ ବାସ୍ତୁ ଆଧାରରେ ପ୍ରଦର୍ଶିତ କରାଯିବ । ସେହିପରି ଆଗ୍ରା ଷ୍ଟେସନରେ ତାଜମହଲ ତଥା ଉଜ୍ଜୈନର ମହାକାଳେଶ୍ୱର ମନ୍ଦିରକୁ ବାସ୍ତୁ ରୂପେ ପ୍ରଦର୍ଶିତ କରାଯିବ । ନାଗପୁର ଷ୍ଟେସନକୁ ବିଶାଳ କମଳାଲେମ୍ବୁ ଆକାର ଦିଆଯିବ । ସେହିଭଳି ବେଲଗ୍ରାମ ଷ୍ଟେସନରେ ମହାତ୍ମା ଗାନ୍ଧିଙ୍କ ଆଗମନ ହୋଇଥିବାରୁ ଏହାର ସ୍ମୃତି ବହନ ପାଇଁ ଷ୍ଟେସନର ସମ୍ମୁଖ ଭାଗରେ ଏକ ବିରାଟ ଚରଖା ରଖାଯିବ ।

ଏହି ପ୍ରସଙ୍ଗରେ ରେଳ ଭୂମି ବିକାଶ ପ୍ରାଧିକରଣ (ଆର୍‌ଏଲ୍‌ଡିଏ) ଷ୍ଟେସନଗୁଡ଼ିକର ଢାଞ୍ଚାର ମଧ୍ୟ ବିକାଶ କରିବା ସହ ଏହାର ସମ୍ମୁଖ ଭାଗକୁ ଐତିହାସିକ ରଙ୍ଗରୂପ ଦେବ । ଉଦାହରଣସ୍ୱରୂପ ଲକ୍ଷ୍ନୌସ୍ଥିତ ଚାରବାଗ ରେଳଷ୍ଟେସନର ବର୍ତ୍ତମାନର କଳାରାଜିକୁ ଉତ୍ତର-ପୂର୍ବ ରେଳଷ୍ଟେସନନର ୨ୟ ପ୍ରବେଶ ଦ୍ୱାର ସହିତ ସଂଲଗ୍ନ କରାଯିବାକୁ ସ୍ଥିର କରାଯାଇଛି । ସେହିଭଳି ଗୋମତୀ ନଗର ଷ୍ଟେସନରେ ଅବଧି ସଂସ୍କୃତି ଉପରେ ଆଧାରିତ କଳାରାଜିକୁ ସ୍ଥାନିତ କରାଯିବ । ତିରୁପତି ଷ୍ଟେସନକୁ ଭଗବାନ ତିରୁମାଳି ମନ୍ଦିରର ରୂପରେଖା ଦିଆଯିବ । ସେହିଭଳି ପୁଡିଚେରୀ ଷ୍ଟେସନକୁ ଫରାସୀ ବାସ୍ତୁକଳାରେ ସଜ୍ଜିତ କରାଯିବାକୁ ସ୍ଥିର କରାଯାଇଥିବାବେଳେ ଗୋଆ, କୋଟା, ନେଲୋର ଏବଂ ଏରନାକୁର୍ଲମ ଷ୍ଟେସକୁ ମଧ୍ୟ ଐତିହାସିକ ମହତ୍ତ୍ୱାନୁସାରେ ସଜ୍ଜିତ କରାଯିବାକୁ ରେଳ ମନ୍ତ୍ରଣାଳୟ ଓ ଭାରତୀୟ ରେଳବିଭାଗ ସ୍ଥିର କରିଛନ୍ତି ।

# ଜାତୀୟ ତମାଖୁ ନିୟନ୍ତ୍ରଣ କର୍ମଶାଳା ଅନୁଷ୍ଠିତ




କଟକ, ୨୩/୩ (ଶ୍ରୁମି) ସିଗାରେଟ୍ ଓ ଅନ୍ୟାନ୍ୟ ତମାଖୁ ଆଦି ଦ୍ରବ୍ୟର ବ୍ୟବହାର ନିୟନ୍ତ୍ରଣ ସଂପର୍କିତ ଅଧିନିୟମ ୨୦୦୩ (COTPA) ଆଇନ୍ କାର୍ଯ୍ୟକାରିତା ସଂବନ୍ଧରେ ଏକ ଦିବସୀୟ କର୍ମଶାଳା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଉଦ୍‌ଘାଟନ କରି ଶିକ୍ଷିତ ହୁଅନ୍ତୁ ବା ଅଶିକ୍ଷିତ, ତମାଖୁ ସେବନ ଭଳି ବଦଭ୍ୟାସରୁ ନିବୃତ ରହିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

ଏହି ପରିପ୍ରେକ୍ଷୀରେ ସେ କହିଲେ ଯେ, ଯୁବ ପିଢି ତଥା ଗର୍ଭବତୀ ମହିଳାମାନେ ତମାଖୁ ସେବନ ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହେବା ସହିତ ଏହାର ପ୍ରଭାବରେ କ୍ୟାନସରଭଳି ମାରାତ୍ମକ ରୋଗରେ ପଡୁଛନ୍ତି । କୋଟପା ଆଇନ୍‌ର କାର୍ଯ୍ୟକାରିତା ସଂପର୍କରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅଭିମୂଖ୍ୟକୁ ସେ ଭଲ ଭାବେ ଅବଗତ କରାଇବା ସହିତ ଅଙ୍ଗନବାଡି, ଆଶାକର୍ମୀ, ଏ.ଏନ.ଏମମାନଙ୍କ ସହଯୋଗରେ ଗାଁ ଗଣ୍ଡା ତଥା ସହର ମାନଙ୍କରେ ଏ ଦିଗରେ ସଚେତନ କରାଯିବାକୁ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱ କଲ୍ୟାଣ ପଟ୍ଟନାୟକ ଏହି କର୍ମଶାଳାରେ ଅଧକ୍ଷତା କରି ତମାଖୁ ସେବନ ଇତି ମଧ୍ୟରେ ସମାଜରେ କମିଥିଲେ ମଧ ଅଦ୍ୟାବଧି ବହୁ ବୟସ୍କ ଲୋକ ମଧ ଗୁଡାଖୁ, ବିଡି ଭଳି ବଦଭ୍ୟାସରୁ ମୁକୁଳି ପାରୁ ନାହାନ୍ତି । ବିଶେଷ କରି ଯୁବ ପିଢିମାନଙ୍କୁ ତମାଖୁ ଦ୍ରବ୍ୟ ସେବନ ନକରିବା ସମ୍ବନ୍ଧରେ ସେ ଆଲୋକପାତ କରିଥିଲେ । ଉକ୍ତ କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଏ.ଡିଏମ.ଓ (ପରିବାର କଲ୍ୟାଣ) ବଟକୃଷ୍ଣ ମହଲା, ଏ.ଡି ଏମ.ଓ (ଜନସ୍ୱାସ୍ଥ୍ୟ) ଏସ୍.କେ.କଲିମୁଲା ,ଡି.ପି.ଏମ, ଦୀପକ କୁମାର ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅଞ୍ଜଳୀ ରାୟ, ସ୍ୱାସ୍ଥ୍ୟ ଅଧିକାରୀ ମାନସ ସାମ'ରାୟ ଯୋଗ ଦେଇଥିବାବେଳେ ଏହି କର୍ମଶାଳାରେ ଡାଃ ନୃସିଂହ ଚରଣ ବେହେରା ଏବଂ ଡାଃ ଗିରିଜା ଶଙ୍କର ମିଶ୍ର ତମାଖୁ ସେବନର ଖରାପ ପ୍ରଭାବ ସମ୍ବନ୍ଧରେ ତଥା ତମାଖୁ ଜାତୀୟ ଦ୍ରବ୍ୟ ଅଧିନିୟମ (COTPA) ଆଇନ୍ ବିଷୟରେ ବିସ୍ତୃତଭାବେ ସ୍ଲାଇଡ ସୋ ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥିତଥିବା ଅବକାରୀ, ପୋଲିସ, ଖାଦ୍ୟ ସୁରକ୍ଷା, କୃଷି,ଶିଳ୍ପ,ଶିକ୍ଷା,କ୍ରୀଡା ତଥା ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଅବଗତ କରାଇବା ସହିତ ସଚେତନତା ଅବଲମ୍ବନ ଦିଗରେ ପରାମର୍ଶ ଦେଇଥିଲେ ।

## ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣା
# କ୍ରାଇମବ୍ରାଞ୍ଚ ଏସଆଇଟିର ତଦନ୍ତ ଆରମ୍ଭ

କଟକ, ୨୩/୩ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀର ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଶୁକ୍ରବାର କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଏଥିପାଇଁ ଏକ ୪ ଜଣିଆ ଟିମ୍ ଗଠନ କରିଛନ୍ତି । ଅତିରିକ୍ତ ଏସପି ଅନିଲ କୁମାର ଦାସଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍ ପ୍ରଥମେ ଏସସିବିରେ ଚିକିତ୍ସିତ ହେଉଥିବା ମୃତ ସୌମ୍ୟଶେଖରଙ୍କ ପତ୍ନୀ ରିମା ସାହୁ ଏବଂ ଉଭୟ ପରିବାରର ସଦସ୍ୟଙ୍କୁ ଏ ସଂପର୍କରେ ପଚରା ଉଚରା କରିଥିବା ଜଣାଯାଇଛି । ଅଧିକ ପଚରା ଉଚରା ପାଇଁ ଟିମ୍ ବଲାଙ୍ଗୀର ଯିବାର କାର୍ଯ୍ୟକ୍ରମ ରହିଛି ।

ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ୨୩ରେ ବଲାଙ୍ଗୀର ଜିଲ୍ଲା ପାଟଣାଗଡରେ ଏକ ବିବାହ ଉପହାର ଆସିଥିବା ପାର୍ସଲ ଖୋଲିବା ବେଳେ ଭୟଙ୍କର ବିସ୍ଫୋରଣ ଘଟି ସ୍ୱାମୀ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେମା ଜେନାମଣି ସାହୁଙ୍କର ମୃତ୍ୟୁ ହୋଇଥିଲା । ଏଥିରେ ଗୁରୁତର ଆହତ ହୋଇଥିବା ସୌମ୍ୟଙ୍କ ପତ୍ନୀ ରିମା ଏବେ ବି ଏସସିବିରେ ଚିକିତ୍ସିତ ହେଉଛନ୍ତି । ଗତ ୪ ଦିନ ପୂର୍ବେ ରିମା ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଖବର ଏକ ପୁରୁଣା ଖବର କାଗଜରୁ ଜାଣିବାକୁ ପାଇଥିଲେ । ଏହାପରେ ସେ ଏହି ଘଟଣାରେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ । ରିମାଙ୍କ ପିତା ଓ ଶ୍ୱଶୁର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ପୁଲିସ ତଦନ୍ତରେ ଅସନ୍ତୋଷ ପ୍ରକାଶ କରିବା ସହ ବିଧିବଦ୍ଧ ତଦନ୍ତ ଦାବି କରିଥିଲେ । ଘଟଣାକୁ ଏକ ମାସ ବିତିଯାଇଥିଲେ ମଧ୍ୟ ପୁଲିସ କୌଣସି ସୁରାକ୍ ପାଇନଥିବାରୁ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ।

# ଉନ୍ନତମାନର ତଦନ୍ତ ପାଇଁ ୩୦ ପୋଲିସ ଅଫିସର ସମ୍ବର୍ଦ୍ଧିତ



କଟକ ୨୩/୩ (ଶ୍ରୁମି) ଯେଉଁ ସବୁ ମାମଲାରେ ଅଭିଯୁକ୍ତମାନେ ଅଦାଲତରେ ଦଣ୍ଡିତ ହେଉଛନ୍ତି ସେସବୁ ମାମଲାର ତଦନ୍ତକାରୀ ଅଫିସରମାନଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯିବା ପାଇଁ ରାଜ୍ୟ ପୋଲିସ ଡିଜି ଡାଃ ରାଜେନ୍ଦ୍ର ପ୍ରସାଦ ଶର୍ମା ଙ୍କର ଉଲ୍ଲେଖନୀୟ ପରିକଳ୍ପନା ଆଧାରିତ ଚିନ୍ତାଧାରା କୁ ସାକାର କରିବା ପାଇଁ କ୍ରାଇମବ୍ରାଂଚ ମୁଖ୍ୟ ତଥା ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ ଜାରି ରଖିଥିବା ଉଦ୍ୟମ ପରିପ୍ରେକ୍ଷୀରେ ୨ୟ ଥର ପାଇଁ ଆଜି ଅପରାହ୍ନ ରେ କ୍ରାଇମବ୍ରାଞ୍ଚ ସଭାଗୃହରେ ରାଜ୍ୟ ର ବିଭିନ୍ନ ପାହ୍ୟା ର ୩୦ ଜଣ ପୋଲିସ ଅଫିସର ଙ୍କୁ ଡିଜିପି ଡାଃ ଶର୍ମା ସମ୍ବର୍ଦ୍ଧିତ ଓ ସମ୍ମାନିତ କରିଛନ୍ତି । ବିଶେଷକରି ପୋଲିସ ଅଫିସରମାନଙ୍କୁ ଉତ୍ସାହିତ କରିବା ସହ ତଦନ୍ତ ର ମାନ କୁ ଆହୁରି ଉନ୍ନତ କରିବା ଏହାର ମୂଳ ଲକ୍ଷ୍ୟ । ଆଜି ସମ୍ବର୍ଦ୍ଧିତ ହୋଇଥିବା ତଦନ୍ତକାରୀ ପୋଲିସ ଅଫିସରମାନେ ହେଲେ ଏସଆଇ ଧବଳେଶ୍ୱର ସାହୁ, ସୁରେଶ ଚନ୍ଦ୍ର ସାହୁ, ଇନିସପେକ୍ଟର ରଂଜନ କୁମାର ସେଠୀ, ଅମୂଲ୍ୟ ପୁନମ ଲାକ୍ରା, ଲକ୍ଷ୍ମୀଧର ହାଁସଦା, ବିକ୍ରମ କେଶରୀ ଜେନା, ପୁଷ୍ପାଂଜଳି ନିଙ୍ଗି, ଦାମୁ ପରଜା, ବିଷ୍ଣୁ ଚରଣ ବାରିକ, ଏସଆଇ ଅକ୍ଷୟ କୁମାର ରାଉଳ, ଜ୍ୟୋତିରଂଜନ ସାମନ୍ତରାୟ, ଡିଏସପି ସୁଶିଲ କୁମାର ମିଶ୍ର, ଏସଆଇ ଚିତ୍ରଗୁପ୍ତ ଚମ୍ପିଆ, ଇନିସପେକ୍ଟର ଇଶ୍ୱର ଚନ୍ଦ୍ର ପଣ୍ଡା, ମିନତୀ ବିଶ୍ୱାଳ, ପରେଶ କୁମାର ରାଉତ, ସୁଶାନ୍ତ ସାହୁ, ଏସଆଇ ରଂଜିତା ସାହୁ, ନୟନା ବେହେରା, ସୁଶିଳା ବାର୍ଲା, ଇନିସପେକ୍ଟର ସୁବାସିନୀ ଜେନା, କିରଣବାଳା ମହାନ୍ତି, ଏସଆଇ ସନ୍ତୋଷୀ ବାରିକ, ଇନିସପେକ୍ଟର ଗାୟତ୍ରୀ ମିଶ୍ର, ଏସଆଇ ସମ୍ବରୀ ହାଁସଦା, ଇନିସପେକ୍ଟର ରୀନା ବେହେରା, ଏସଆଇ ଶ୍ୱେତପଦ୍ମା ସେଠ, ଇନିସପେକ୍ଟର ଶଶିକାନ୍ତ ରାଉତ, ଏବଂ ଡିଏସପି ଶିବରାମ ସାହୁ । ସେମାନଙ୍କ ମଧ୍ୟରେ ୧୪ ଜଣ ପୋଲିସ ଅଫିସର ତଦନ୍ତ କରିଥିବା ୧୪ ଟି ମାମଲାରେ ଅଭିଯୁକ୍ତମାନେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି । ତେବେ ଯେଉଁ ସବୁ ମାମଲାରେ ଅଭିଯୁକ୍ତମାନେ ଅତିକମ ରେ ୭ ବର୍ଷ ବା ତହିଁରୁ ଅଧିକ କାଳ ର ଦଣ୍ଡାଦେଶ ପାଉଛନ୍ତି ସେହି ସବୁ ମାମଲାର ତଦନ୍ତକାରୀ ଅଫିସରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛନ୍ତି । ଏହାପୂର୍ବରୁ ମଧ୍ୟ ଥରେ ଏମିତି ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଥିଲା ଏବଂ ଡିଜିପି ଡାଃ ଶର୍ମା ବରିଷ୍ଠ ପୋଲିସ ଅଫିସରମାନଙ୍କ ଗହଣରେ ଏହାର ଶୁଭାରମ୍ଭ କରିଥିଲେ । ଆଜି ର ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ପୋଲିସ ଡିଜି ଡାଃ ଶର୍ମା ଙ୍କ ସମେତ କ୍ରାଇମବ୍ରାଂଚ ମୁଖ୍ୟ ଅତିରିକ୍ତ ଡିଜି ଶ୍ରୀ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ରହି ସମ୍ପୃକ୍ତ ପୋଲିସ ଅଫିସରମାନଙ୍କୁ ଉତ୍ସାହିତ କରିଥିଲେ ।

# ଆଉ ଏକ ମହାପ୍ରୟାଣ ଗାଡି ଜନ ସେବାରେ ଉତ୍ସର୍ଗୀକୃତ

କଟକ, ୨୩/୩ (ଶ୍ରୁମି) କଟକ ଜିଲ୍ଲାପାଇଁ ଆଉ ଏକ ମହାପ୍ରୟାଣ ଗାଡି(ଶବବୁହା ଗାଡି ) କୁ କଟକ ଜିଲ୍ଲାପାଳ ସୁଶାନ୍ତ ମହାପାତ୍ର ଜନସେବାରେ ନିୟୋଜିତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୬ ଲକ୍ଷ ୩ ହଜାର ୨୪୪ ଟଙ୍କା ଅନୁଦାନରେ କିଣାଯାଇଥିବା ଏହି ଗାଡି ଜିଲ୍ଲା ରେଡ୍‌କ୍ରସ ପରିଚାଳନାରେ କାର୍ଯ୍ୟକରିବ । ଜିଲ୍ଲାରେ ପୂର୍ବରୁ ରେଡ୍‌କ୍ରସ୍ ସହଯୋଗରେ ୪ଟି ମହାପ୍ରୟାଣ ଗାଡି କାର୍ଯ୍ୟକରୁଥିବା ବେଳେ ଆଜି ଏହି ୫ମ ଗାଡିକୁ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ହଲାଇ ଶୁଭାରମ୍ଭ କରିଥିଲେ । ଗାଡିଟି ଶ୍ରୀରାମ ଚନ୍ଦ୍ର ଭଂଜ ମେଡିକାଲ କଲେଜ ନିକଟରେ ଅଧିକ୍ଷକ, ଏସ୍.ସି.ବିଙ୍କ ହେପାଜତରେ କାର୍ଯ୍ୟକରିବା ସହିତ ଲୋକମାନଙ୍କୁ ସେବା ଯୋଗାଇଦେବ । ସରକାରୀ ନିୟମାନୁସାରେ ମହାପ୍ରୟାଣ ଗାଡି ବ୍ୟବହାର କଲେ କି.ମି. ପ୍ରତି ୧୦ ଟଙ୍କା ( ବିନା ଶୀତତାପ ନିୟନ୍ତ୍ରକ) ଏବଂ ୧୨ ଟଙ୍କା (ଶୀତତାପ ନିୟନ୍ତ୍ରକ) ପଡିବ । ତେବେ ଜିଲ୍ଲାରେ ଅଧିକ ମହାପ୍ରୟାଣ ଗାଡିର ଆବଶ୍ୟକତା ଦୃଷ୍ଟିରୁ ଏହି ଗାଡି ଜନସାଧାରଣଙ୍କୁ ସେବା ପ୍ରଦାନରେ ସହାୟତା କରିବ ବୋଲି ଜନସାଧାରଣଙ୍କ ପକ୍ଷରୁ ଆନନ୍ଦ ପ୍ରକାଶ ପାଇଛି ।

# ୩ ହଜାର ଶବ୍ଦ ସମ୍ବଳିତ ଭାରତର ପ୍ରଥମ ସାଂକେତିକ ଭାଷା ଶବ୍ଦକୋଷ ଉନ୍ମୋଚିତ

ଭୁବନେଶ୍ୱର, ୨୩/୩ (ଶ୍ରୁମି) କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଥୱରଚନ୍ଦ ଗେହଲଟ ଆଜି ୩ ହଜାର ଶବ୍ଦ ସମ୍ବଳିତ ଭାରତର ପ୍ରଥମ ସାଂକେତିକ ଭାଷା ଶବ୍ଦକୋଷ ନୂଆଦିଲ୍ଲୀଠାରେ ଉନ୍ମୋଚନ କରିଛନ୍ତି । ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଅଧିନସ୍ଥ ଭାରତୀୟ ସାଂକେତିକ ଭାଷା ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ କେନ୍ଦ୍ର (ଆଇଏସଏଲଆର ଏବଂ ଟିସି) ଦ୍ୱାରା ଦିବ୍ୟାଙ୍ଗମାନଙ୍କ ପାଇଁ ଏହି ଶବ୍ଦକୋଷ ପ୍ରସ୍ତୁତ କରାଯାଇଛି । ଏହି ଅବସରରେ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ରାଷ୍ଟ୍ର ମନ୍ତ୍ରୀ କ୍ରିଷନ ପାଲ ଗୁଜ୍ଜର ଏବଂ ରାମଦାସ ଅଠାୱଲେ ଉପସ୍ଥିତ ଥିଲେ ।

ଏହି ସମାରୋହକୁ ସମ୍ବୋଧିତ କରି ଶ୍ରୀ ଥୱରଚନ୍ଦ ଗେହଲଟ କହିଛନ୍ତି ଯେ ଶବ୍ଦକୋଷର ମୂଳ ଉଦ୍ଦେଶ୍ୟ ହେଉଛି ଭାରତୀୟ ସାଂକେତିକ ଭାଷା ଉପରେ ଅଧିକ ସୂଚନା ପ୍ରଦାନ କରି ବଧିରମାନଙ୍କ ମଧ୍ୟରେ ଯୋଗାଯୋଗ ସହଜ କରିବା ଏବଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା। ସେ କହିଥିଲେ ଯେ ଅତିଶୀଘ୍ର ଏହି ଶବ୍ଦକୋଷରେ ଆହୁରୀ ନୂତନ ଶବ୍ଦ ସଂଯୋଗ କରାଯିବ । ଏହି ଶବ୍ଦକୋଷକୁ ଅଧିକରୁ ଅଧିକ ଲୋକ ବ୍ୟବହାର କରନ୍ତୁ ଏବଂ ଭାରତୀୟ ସାଂକେତିକ ଭାଷା ଜ୍ଞାନ ପ୍ରାପ୍ତ କରନ୍ତୁ ବୋଲି ସେ କହିଥିଲେ।

ଆଇଏସଏଲଆରଆଣ୍ଡଟିସି ଏହି ଶବ୍ଦକୋଷ ପ୍ରସ୍ତୁତ କରିବା ପାଇଁ ବିଗତ ଦେଢ ବର୍ଷ ଧରି ଅବିରତ ପରିଶ୍ରମ କରିଛି। ୨୦୧୧ ଜନଗଣନା ଅନୁଯାୟୀ ଭାରତରେ ୫୦,୭୧,୦୦୭ ଜଣ ବଧିର ଥିବାବେଳେ ୧,୯୮,୫୩୫ ଜଣ ମୂକ ବୋଲି ଜଣାପଡିଛି । ଏହାକୁ ଦୃଷ୍ଟିରେ ରଖି ଏହି ଶବ୍ଦକୋଷ ପ୍ରସ୍ତୁତ କରାଯାଇଛି ଯେଉଁଥିରେ ଆଇନ ସମ୍ବନ୍ଧୀତ, ଚିକିତ୍ସା ସମ୍ବନ୍ଧିତ, ଶିକ୍ଷା ସମ୍ବନ୍ଧୀତ, ବୈଷୟିକ ଏବଂ ପ୍ରତିଦିନ ବ୍ୟବହାର କରାଯାଉଥିବା ଶବ୍ଦ ରହିଛି। ଶବ୍ଦକୋଷର ଇଂରାଜୀ ଏବଂ ହିନ୍ଦୀ ଶବ୍ଦ ବଧିର ପିଲାମାନଙ୍କୁ ଇଂରାଜୀ ଶିକ୍ଷା ପ୍ରଦାନ କରିବା ପାଇଁ ମଧ୍ୟ ସହାୟତା କରିବ । ପାଂଚଟି ଶ୍ରେଣୀର ଶବ୍ଦ ଏହି ଶବ୍ଦକୋଷରେ ରହିଛି । ପ୍ରତିଦିନ ଶବ୍ଦ- ଏହି ଶ୍ରେଣୀରେ ପ୍ରତିଦିନ ବ୍ୟବହାର କରାଯାଉଥିବା ଶବ୍ଦ ଓ ବାକ୍ୟ ସହିତ ଭିଡିଓରେ ମଧ୍ୟ ସାଂକେତିକ ଶବ୍ଦ ଏବଂ ଇଂରାଜୀ ଶବ୍ଦ ପ୍ରଦର୍ଶୀତ କରାଯାଇଛି । ଆଇନ ସମ୍ବନ୍ଧୀତ ଶବ୍ଦ- ଏହି ଶ୍ରେଣୀରେ ୨୩୭ ଟି ଆଇନ ସମ୍ବନ୍ଧୀତ ଶବ୍ଦ 'ଆଫିଡେଭିଟ', 'ଆକ୍ୱିଟାଲ' ଆଦି ଶବ୍ଦ ସମ୍ବଳିତ ଭିଡିଓ ରହିଛି, ଯାହା ବିଭିନ୍ନ ଆଇନ ସମ୍ବନ୍ଧୀତ ମାମଲା ଗୁଡିକରେ ସହାୟକ ହେବ । ଶିକ୍ଷା ସମ୍ବନ୍ଧୀତ ଶବ୍ଦ- ବଧିର ପିଲାମାନଙ୍କ ପାଇଁ ଶିକ୍ଷା ସମ୍ବନ୍ଧୀତ ଶବ୍ଦ ଜାଣିବା ନିମନ୍ତେ 'ନର୍ଭସ ସିଷ୍ଟମ', 'ରୋଟେସନ' ଏବଂ 'ରିଭୋଲ୍ୟୁସନ' ଭଳି ବିଭିନ୍ନ ଶବ୍ଦର ଅର୍ଥ ଦର୍ଶାଯାଇଛି । ପଦାର୍ଥ ବିଜ୍ଞାନ, ଭୂଗୋଳ, ଜୀବ ବିଜ୍ଞାନ, ଗଣିତ ଆଦି ବିଷୟରୁ ଶବ୍ଦମାନ ସଂଗ୍ରହ କରାଯାଇ ବ୍ୟାଖ୍ୟାନ କରାଯାଇଛି । ଏହି ଶ୍ରେଣୀରେ ୨୨୯ ଟି ଭିଡିଓ ଜରିଆରେ ୨୧୨ ଟି ଶବ୍ଦର ବ୍ୟାଖ୍ୟାନ ରହିଛି । ଚିକିତ୍ସା ସମ୍ବନ୍ଧୀତ ଶବ୍ଦ- ଏହି ଶ୍ରେଣୀରେ ୨୦୦ ଟି ଚିକିତ୍ସା ସମ୍ବନ୍ଧୀତ ଶବ୍ଦ ପାଇଁ ୨୦୦ ସାଂକେତିକ ଭିଡିଓ ବଧିରମାନଙ୍କ ପାଇଁ ରଖାଯାଇଛି ଯାହା ଚିକିତ୍ସା କ୍ଷେତ୍ରରେ ସେମାନଙ୍କୁ ସହାୟତା କରିବ । ବୈଷୟିକ ଶବ୍ଦ- ଏହି ଶ୍ରେଣୀରେ ୨୦୪ ଟି ବୈଷୟିକ ଶବ୍ଦକୁ ନେଇ ୨୦୬ ଟି ଭିଡିଓ ପ୍ରସ୍ତୁତ କରାଯାଇଛି ଯାହା ଧନ୍ଦାମୂଳକ ପ୍ରଶିକ୍ଷଣ କିମ୍ବା କମ୍ପ୍ୟୁଟର ପ୍ରଶିକ୍ଷଣ ବେଳେ ସହାୟତା କରିବ ।

# ଆଇପିଏସ୍ ସ୍ତରରେ ପରିବର୍ତ୍ତନ

ଭୁବନେଶ୍ୱର,୨୨/୩ (ଶ୍ରୁମି) ଶୁକ୍ରବାର ଦିନ ରାଜ୍ୟ ସରକାର ଆଇପିଏସ୍ ଅଫିସରଙ୍କ ସ୍ତରରେ ଏକ ଛୋଟ ଧରଣର ପରିବର୍ତ୍ତ କରିଛନ୍ତି । ତଦାନୁସାରେ ଘନଶ୍ୟାମ ଉପାଧ୍ୟାୟ ଏସ୍‌ଆଇଡବ୍ଲ୍ୟୁ ଆଇଜି ଭାବେ, ନରସିଂହ ଭୋଳ (ତାଳଚେର ରେଞ୍ଜ ଡିଆଇଜି), ଶାରା ଶର୍ମା (କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି), ସୂର୍ଯ୍ୟାଥଙ୍କାପାନ (ବିଜୁ ପଟ୍ଟନାୟକ ଏକାଡେମୀ ଉପନିର୍ଦ୍ଦେଶକ), ପଦ୍ମିନୀ ସାହୁ ( ଅନୁଗୋଳ ଏସ୍‌ଡିପିଓ) ଭାବେ ନିଯୁକ୍ତି ପାଇଛନ୍ତି ।

**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

Tender Notice for "PREPARATORY JOBS/ BLR INSP. BY STA.AUTHORITY FOR BOILER OF CPP-I."
Tender No: 021/287/1782001235/01/00/500005412, Dtd:15.03.2018
Last Date & Time of Tender Submission: 04:00 PM on Dtd. 03.04.2018

Tender Notice for "COMB. CHAMBER & CEILING TUBE ETC REPLACEMENT IN HP BOILERS."
Tender No: 021/287/1782001277/01/00/500005413, Dtd:15.03.2018
Last Date & Time of Tender Submission: 04:00 PM on Dtd. 03.04.2018

Tender Notice for "REPAIR JOB OF PNEUMATIC LIME ADDITION SYSTEM."
Tender No: 021/221/1782001299/01/00500005419, Dtd: 17.03.2018
Last Date & Time of Tender Submission: 04:00 PM on Dtd. 06.04.2018

Tender Notice for "MAINT. OF OIL & WATER CIRCULATION SYSTEM & WTP EQUIPMENT ."
Tender No: 021/287/1782001287/01/00/500005414, Dtd:15.03.2018
Last Date & Time of Tender Submission: 04:00 PM on Dtd. 03.04.2018

Tender Notice for "CLEANING OF RIDDING HOPPER, COAL CHUTE OF M.B. BOILERS IN CPP-I."
Tender No: 021/287/1788100275/01/00/500005415, Dtd:15.03.2018
Last Date & Time of Tender Submission: 04:00 PM on Dtd. 03.04.2018

Tender Notice for "REPLACEMENT OF MOVABLE HOOD, SKIRT, SEAL IN CONVERTER-A."
Tender No: 021/219/1782000920/02/00/500005317, Dtd:15.03.2018
Last Date & Time of Tender Submission: 04:00 PM on Dtd. 04.04.2018

Tender Notice for "Provision of Tube Wells in peripheral villages."
Tender No: RSP/CC(TE)/CSR/OT/0102/2017-18
Last Date & Time of Tender Submission: 04:00 PM on Dtd. 09.04.2018

For details & downloadable tender document log on to our SAIL Website https:// www.sailtenders.co.in(unit RSP ,Category'Contracts')

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

There's a little bit of SAIL in everybody's life